## ସଂକ୍ଷେପରେ

### ଏଟିଏମ୍ ଅଚଳ, ଲୋକେ ହନ୍ତସନ୍ତ

ବଇଣ୍ଡା, ୨୦।୮ (ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କର ଏଟିଏମ୍‌ଗୁଡ଼ିକ କିଛିଦିନ ହେବ ଅଚଳ ହୋଇପଡ଼ିଛି। ସେଗୁଡ଼ିକୁ ମରାମତି କରାଯାଉ ନ ଥିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀ ହନ୍ତସନ୍ତ ହେଉଛନ୍ତି। ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳୀ ଭାବେ ବଇଣ୍ଡା ଅଞ୍ଚଳ ପରିଚିତ ଥିବାବେଳେ ଏଠାରେ ପ୍ରତିଦିନ ଲକ୍ଷାଧିକ ଟଙ୍କାର କାରବାର ହେଉଛି। ଏହାକୁ ଦୃଷ୍ଟିରେ ରଖି ବଇଣ୍ଡାଠାରେ ୨ଟି ଷ୍ଟେଟବ୍ୟାଙ୍କ ଏଟିଏମ ନିର୍ମାଣ ହୋଇଛି। ଏହାର ଦାୟିତ୍ୱ ଏକ ଠିକାସଂସ୍ଥାକୁ ଦିଆଯାଇଛି। ହେଲେ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଯୋଗୁ ବାରମ୍ବାର ମେଶିନ୍ ଅଚଳ ହୋଇପଡୁଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉକ୍ତ ଏଟିଏମ୍ ଗୁଡ଼ିକୁ ମରାମତି କରି କାର୍ଯ୍ୟକ୍ଷମ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ବ୍ଲକ କ୍ୱାର୍ଟର୍ସ ଫାଟକରେ ତାଲା, ଜଣେ ଗିରଫ

ବଇଣ୍ଡା,୨୦।୮ (ଡି.ଏନ.ଏ.)- କିଶୋରନଗର ବ୍ଲକ କ୍ୱାର୍ଟର୍ସର ମୁଖ୍ୟ ଫାଟକରେ ତାଲା ପକାଇବା ଅଭିଯୋଗରେ କିଶୋରନଗର ପୋଲିସ ସୋମବାର ଧଉରାପାଲି ଗ୍ରାମର ବିପିନ ସେଠୀଙ୍କୁ ଗିରଫ କରିଛି। ଏ ନେଇ ନଂ. ୬୭/୧୮ରେ ଏକ ମାମଲା ରୁଜୁ କରି ତାଙ୍କୁ ଆଠମଲ୍ଲିକ କୋର୍ଟଚଲାଣ କରିଛି। ପୋଲିସ କହିଛି, ଗତ ୪ ତାରିଖରେ ବ୍ଲକ କ୍ୱାର୍ଟର୍ସର ମୁଖ୍ୟ ଫାଟକରେ କୌଣସି କାରଣରୁ ବିପିନ ତାଲା ପକାଇ ଦେଇଥିଲେ। ତାଲା ଖୋଲିବା ପାଇଁ ତାଙ୍କୁ କୁହାଯାଇଥିଲେ ମଧ୍ୟ ସେ ଶୁଣି ନ ଥିଲେ। ପରେ ବିଡ଼ିଓ ଅମୃତା ପ୍ରିୟମ୍ବଦା କିଶୋରନଗର ଥାନାରେ ଅଭିଯୋଗ କରିଥିଲେ।

### ମଦ ଜବତ, ଜଣେ ଗିରଫ

କଣିହାଁ,୨୦।୮ (ଡି.ଏନ.ଏ.)- କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ଥାନା ପୋଲିସ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ରେଙ୍ଗାଳି ଗ୍ରାମର ପ୍ରମୋଦ ବେହେରାଙ୍କୁ ସୋମବାର ଗିରଫ କରିଛି। ପୋଲିସ ସନ୍ଧ୍ୟାରେ ତାଙ୍କ ଘରେ ଚଢ଼ାଉ କରି ୧୦ ଲିଟର ମଦ ଜବତ କରିଥିଲା। ଏ ନେଇ ନଂ. ୮୬/୧୮ରେ ଏକ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ସରୋଜକାନ୍ତ ସାମଲ କହିଛନ୍ତି।

### ଭାସିଗଲା ଆପ୍ରୋଚ ରୋଡ



ବଇଣ୍ଡା,୨୦।୮ (ଡି.ଏନ.ଏ.)- କିଶୋରନଗର ବ୍ଲକ ହିମିତିରା-ସଞ୍ଜାମୁରା ରାସ୍ତାର ହିମିତିରା ନିକଟରେ ନିର୍ମାଣ ହୋଇଥିବା ପୋଲର ଆପ୍ରୋଚ ରୋଡ ଭାସିଯାଇଛି। ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ହିମିତିରା, ସଞ୍ଜାମୁରାକୁ ଯୋଗାଯୋଗ ପାଇଁ ସରକାର ନୂତନ ରାସ୍ତା ନିର୍ମାଣ କରୁଛନ୍ତି। ହିମିତିରାଠାରେ ନିର୍ମାଣ ହୋଇଥିବା ପୋଲର ୨ ପାର୍ଶ୍ୱର ମାଟି ଗୁଡ଼ିକ ଧସି ଯାଇଛି। ପୋଲରେ ସାଇଡ ୱାଲ ନିର୍ମାଣ କରାଯାଇ ନ ଥିବାବେଳେ ଅତି ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ଆପ୍ରୋଚ ରୋଡକୁ ତୁରନ୍ତ ମରାମତି କରିବା ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ସୋମବାର ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉକ୍ତ ଗ୍ରାମକୁ ଯାଇ ସ୍ଥିତି ତଦାରଖ କରିଛନ୍ତି।

### ଚଢ଼ାଉ, ୪ ଜୁଆଡି ଗିରଫ

ଛେଣ୍ଡିପଦା, ୨୦।୮ (ସ୍ୱି.ପ୍ର)- ଛେଣ୍ଡିପଦା ଥାନା କୋଶଳା ଗ୍ରାମ ସରସ୍ୱତୀ ବନ୍ଧ ନିକଟରେ ଜୁଆ ଖେଳ ହେଉଥିବା ଖବରପାଇ ଥାନା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏଏସଆଇ ଶୁଭେନ୍ଦୁ କୁମାର ଧିର ସଦଳବଳ ସୋମବାର ରାତି ୯.୩୦ରେ ଚଢ଼ାଉ କରିଥିଲେ। ଚଢ଼ାଉରେ କୋଶଳା ଗ୍ରାମର ଦିଲୀପ କୁମାର ବେହେରା (୫୦), ରୋହିତ କୁମାର ବେହେରା(୪୪), ଯୋଗୀନାଥ ନାଏକ (୩୧) ବାଲିନାଳି ଗ୍ରାମର ସଞ୍ଜୟ ନାଏକ (୨୮)ଙ୍କୁ ଗିରଫ ସହ ୨୩୦୦ ଟଙ୍କା ଓ ତାସ କାର୍ଡ ଜବତ କରାଯାଇଛି। ନଂ ୨୧୨ରେ ମାମଲା ରୁଜୁ ହୋଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ।

■ ୧୭ରୁ ନାଲ୍‌କୋନଗରରେ ବିଶ୍ୱକର୍ମା ପୂଜା

# ୨୩ ମଣ୍ଡପରେ ପୂଜା ପାଇବେ ବିଶ୍ୱ ନିର୍ମାତା

■ ୫ ଦିନ ପୂର୍ବରୁ ପାର୍କ ପଡ଼ିଆ ନିକଟରେ ସାରସ ମେଳା

■ ଯାତ୍ରାରେ ବ୍ୟାଟେରି ଗାଡ଼ି ଚଳାଇବାକୁ ନାଲ୍‌କୋକୁ ପ୍ରସ୍ତାବ

ବଅଁରପାଲ,୨୦।୮ (ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍‌କୋନଗରରେ ଆସନ୍ତା ସେପ୍ଟେମ୍ବର ୧୭ରୁ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହେବ। ଚଳିତବର୍ଷ ଏହା ୭ ଦିନ ଧରି ଚାଲିବ। ଏହାକୁ ଧୁମ୍‌ଧାମରେ କିପରି ପାଳନ କରାଯିବ ସେଥିପାଇଁ ବିଭିନ୍ନ କମିଟି କର୍ମକର୍ତ୍ତାମାନେ ବେଶ୍ ତତ୍ପର ହୋଇପଡ଼ିଛନ୍ତି। ନିଜ ବିଭାଗୀୟ ମଣ୍ଡପକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେମାନେ ଏବେଠାରୁ ଯୋଜନାରେ ଲାଗିପଡ଼ିଛନ୍ତି। ପୂଜା ଅଞ୍ଚଳରେ ଦୋଳି, ମିନାବଜାର ସମେତ ପ୍ରଥମ ଥର ପାଇଁ ସାରସ ମେଳାର ଆୟୋଜନ କରାଯାଉଛି। ଏହି ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ନାଲ୍‌କୋ କର୍ତ୍ତୃପକ୍ଷ, ପୋଲିସ ପ୍ରଶାସନ ଓ ପୂଜା ମଣ୍ଡପ କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ନାଲ୍‌କୋ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଥିଲା। ନାଲ୍‌କୋ ମାନବ ସମ୍ବଳ ମହାପ୍ରବନ୍ଧକ ଏସ୍.ଏନ୍. ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବଡ଼ ଆଡ଼ମ୍ବରରେ ପୂଜା ପାଳନ ସହ ପରିମଳ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ୍, ଦୋକାନ ବଜାର ଆବଣ୍ଟନ, ଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ କଲୋନି ପରିସରରେ ୨୩ଟି ପୂଜା ମଣ୍ଡପ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସ୍ମେଲଟର ପ୍ଲାଣ୍ଟର ପଟ୍‌ଲାଇନ୍ସ ଇଲେକ୍ଟ୍ରିକାଲ୍, କାଷ୍ଟ ହାଉସ୍ ଏ, କାଷ୍ଟ ହାଉସ ବି, ୨୨୦ କେଭି, କାର୍ବନ ଏରିଆ, ବେକିଙ୍ଗ ଫର୍ନେସ୍, ସିଭିଲ, ଆର୍‌ପିୟୁ, ରଡିଙ୍ଗ ସପ୍, ମୋବାଇଲ ଇକ୍ୟୁମେଣ୍ଟସ୍ ସପ୍, କାର୍ବନ ଏରିଆ ଇଲେକ୍ଟ୍ରିକାଲ୍ସ, ସିପିପିର ଅପରେଶନ, ସିପିପି ଇଲେକ୍ଟ୍ରିକାଲ, ସିଏଣ୍ଡଆଇ ଆଦି ୨୩ଟି ମଣ୍ଡପରେ ପୂଜା ଅନୁଷ୍ଠିତ ହେବ। ବିଭିନ୍ନ କମିଟି ତରଫରୁ ଆକର୍ଷଣୀୟ ତୋରଣ ସହ ରଙ୍ଗିନ ଆଲୋକ ବ୍ୟବସ୍ଥା କରାଯିବାକୁ ଥିବାରୁ ନାଲକୋନଗର ଝଲସି ଉଠିବ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି। ସେହିପରି ପୂଜାର ୫ ଦିନ ପୂର୍ବରୁ ଗୋପବନ୍ଧୁ ପାର୍କ ପଡ଼ିଆ ନିକଟରେ ସାରସ ମେଳାର ଆୟୋଜନ କରାଯାଉଛି। ଏଥିସହ ବରିଷ୍ଠ ନାଗରିକମାନଙ୍କ ପାଇଁ ୧୦ଟି ବ୍ୟାଟେରି ଚାଳିତ ଯାନ ବ୍ୟବସ୍ଥା କରିବାକୁ କର୍ମକର୍ତ୍ତାମାନେ ନାଲ୍‌କୋ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଇଛନ୍ତି। ଏହି ଗାଡ଼ିଗୁଡ଼ିକ ଜଗନ୍ନାଥ ମନ୍ଦିରଠାରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଚାଲିବ। ବରିଷ୍ଠ ନାଗରିକମାନେ ଏହି ଯାନରେ ବସି ପୂଜାକୁ ଉପଭୋଗ କରିପାରିବେ। ଏହି ବୈଠକରେ ନାଲ୍‌କୋ ମାନବ ସମ୍ବଳ ବିଭାଗ ଡିଜିଏମ୍ ଏସ୍.ଏସ୍. ପଣ୍ଡା, ଅନୁଗୋଳ ଏସ୍‌ଡିପିଓ ହରିହର ପାଣି, ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ, ଏଜିଏମ୍ ଅମରେନ୍ଦ୍ର ମିଶ୍ର, ନାଲ୍‌କୋ ଇଷ୍ଟେଟ୍ ବିଭାଗ ପ୍ରବନ୍ଧକ ମଣି ପଟ୍ଟନାୟକ, ସୁଧାକର ସାହୁ, ସୁରେଶ ଥାପା ଓ ନାଲ୍‌କୋ ପୂଜା କମିଟି ସଭାପତି, ସମ୍ପାଦକମାନେ ଉପସ୍ଥିତ ଥିଲେ।

## ମୃତ ଠିକା ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ

ବଅଁରପାଲ,୨୦।୮ (ଡି.ଏନ୍.ଏ.)

ନାଲକୋ ସ୍ମେଲଟର ପ୍ଲାଣ୍ଟରେ କାର୍ଯ୍ୟରତ ଜଣେ ଠିକା ଶ୍ରମିକ ତାପସ ରାଉତ(୪୫)ଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଶନିବାର କାର୍ଯ୍ୟ କରୁଥିବା ସମୟରେ ତାପସ ପଡ଼ିଯାଇଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୋମବାର ଏ ନେଇ ଏକ ତ୍ରିପାକ୍ଷିକ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ନାଲକୋ ଏଚ୍‌ଆର୍‌ଡି ଡିଜିଏମ୍ ଏସ୍.ଏସ୍. ପଣ୍ଡା, ପ୍ରବନ୍ଧକ ଆଶିଷ ସହୁ, ନାଲ୍‌କୋ ଠିକାଦାର ସଂଘର ରଣଜିତ ସେଠ, ସନାତନ କଅଁର, ପ୍ରତାପ ଜେନା, ଈଶ୍ୱର ସାହୁ, ବିପିନି ସେଠ, ନାଲ୍‌କୋ ନିର୍ମାଣ ମଜଦୁର ସଂଘ ଉପସଭାପତି ପ୍ରସନ୍ନ ମହାନ୍ତି, ସମ୍ପାଦକ ସନ୍ତୋଷ ଗଡ଼ନାୟକ, ନାଲ୍‌କୋ ଠିକା ମଜଦୁର ସଂଘ କାର୍ଯ୍ୟକାରୀ ସଭାପତି ଶରତ ରାଜ, ଅଶୋକ ଛୋଟରାୟ, ଆଶୋକ ସେଠୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ମୃତକଙ୍କ ପରିବାରକୁ ନାଲ୍‌କୋ ତରଫରୁ କ୍ଷତିପୂରଣ ବାବଦକୁ ୩ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଏହି ସଭାରେ ନିଷ୍ପତ୍ତି ହୋଇଥିଲା। ସେହିପରି ଠିକା ସଂସ୍ଥା ପକ୍ଷରୁ ୨୦ ହଜାର ଓ ମୃତକଙ୍କ ସ୍ତ୍ରୀଙ୍କୁ ନାଲ୍‌କୋ ଠିକା ସଂସ୍ଥାରେ ନିଯୁକ୍ତି ଦିଆଯିବ ବୋଲି ଆଲୋଚନା ହୋଇଥିଲା।




ଗ୍ରାମରକ୍ଷୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗ୍ରାମରକ୍ଷୀଙ୍କ ଦାବିପତ୍ର

ଅନୁଗୋଳ ଅଫିସ, ୨୦।୮

ବିଭିନ୍ନ ଦାବି ନେଇ ନିଖିଳ ଉତ୍କଳ ଗ୍ରାମରକ୍ଷୀ ମହାସଂଘ ଅନୁଗୋଳ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରକ୍ଷୀ ଅଧୀକ୍ଷକଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଗ୍ରାମରକ୍ଷୀଙ୍କୁ ସରକାରୀ ମାନ୍ୟତା, ମାସିକ ବେତନ ୯ ହଜାର ୩୦୦ ଟଙ୍କା ସହିତ ଅନ୍ୟାନ୍ୟ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବା, ଭିଲେଜ ଗାର୍ଡ ପରିବର୍ତ୍ତେ ଭିଲେଜ୍ ପୋଲିସର ମାନ୍ୟତା, ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ, ଉନ୍ନତମାନର ପ୍ରଶିକ୍ଷଣ, ସେବା ଓ ପୋଷାକ ବାବଦକୁ ଅର୍ଥ ପ୍ରଦାନ, ପୂଜା ସମୟରେ ପାର୍ବଣ ସହିତ ସ୍ୱତନ୍ତ୍ର ଆଲାଉନ୍ସ ପ୍ରଦାନ ଆଦି ପାଇଁ ଦାବି କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୧୭ ଜୁଲାଇ ୨୧ରେ ଉଚ୍ଚ ନ୍ୟାୟାଳୟ ମାମଲା (ନମ୍ବର ୧୦୮୭୦/୧୦୧୨)ର ଶୁଣାଣି କରି ୪ ମାସ ମଧ୍ୟରେ ଗ୍ରାମରକ୍ଷୀଙ୍କ ଦାବିଗୁଡ଼ିକ ଅନୁମୋଦନ କରିବା ପାଇଁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅଦ୍ୟାବଧି ଏ ସମ୍ପର୍କରେ ସରକାର ବିଚାର କରୁ ନ ଥିବା ଗ୍ରାମରକ୍ଷୀମାନେ ଅଭିଯୋଗ କରିଛନ୍ତି।

# ଜନ୍ମଦିବସ, ଜୀବନୀ ଉପରେ ଆଲୋଚନା



କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତା ଓ କର୍ମୀମାନେ।

ଅନୁଗୋଳ ଅଫିସ, ୨୦।୮

ଅନୁଗୋଳସ୍ଥିତ କଂଗ୍ରେସ ଭବନରେ ନଗର କଂଗ୍ରେସ ସଭାପତି ଦିଲୀପ ଦାସଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ପ୍ରଥମେ କର୍ମୀମାନେ ରାଜୀବଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ଏହି ସଭାରେ କାଉନସିଲର ବାମନଚନ୍ଦ୍ର ପ୍ରଧାନ, ବଳବିର ସିଂ, ନିରଞ୍ଜନ କର, ପ୍ରଶାନ୍ତ ନାୟକ, ବଂଶୀଧର ପ୍ରଧାନ, ଗୌରୀଶଙ୍କର ସେଠୀ, ସୁକାନ୍ତି ଦାସଙ୍କ ସହ ଯୁବନେତା ଜୟନ୍ତ ସାହୁ, ସୁଦୀପ ମିଶ୍ର, ପରି ପ୍ରଧାନ, ଆଶୁତୋଷ ମିଶ୍ର, ଗଣେଶ୍ୱର ସାହୁ, ରଜତ ଦାସ, ଶିବାନୀ ଶଙ୍କର ଗୌଡ଼, ଅରୁପ୍ ସାମଲ, ସମ୍ବିତ ସାହୁ, ଅଭିଷେକ ନାଏକ, ରାଜେଶ କୁମାର ଆଚାର୍ଯ୍ୟ, ଆଲୋକ ଦାସ, ସୁଶୀଲ ପ୍ରଧାନ, ଓ ଅମୂଲ୍ୟ ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଜିଲା କଂଗ୍ରେସ ଉପସଭାପତି ରମେଶ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପରାଧ ହ୍ରାସ ପାଇଁ ଲାଗିଲା ସିସି କ୍ୟାମେରା

ବଅଁରପାଲ,୨୦।୮ (ଡି.ଏନ୍.ଏ.)

ନାଲ୍‌କୋ ଟ୍ରକ୍ ମାଲିକ ସଂଘ ତରଫରୁ ଟ୍ରକ୍ ରହୁଥିବା ପଡ଼ିଆରେ ୪ଟି ସିସି କ୍ୟାମେରା ଲଗାଯାଇଛି। ଏହି କ୍ୟାମେରା ଜାତୀୟ ରାଜପଥ, ସଂଘ କାର୍ଯ୍ୟାଳୟ ଓ ପଡ଼ିଆ ଆଦି ସ୍ଥାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବ। ପୂର୍ବରୁ ପଡ଼ିଆରେ ରହୁଥିବା ଟ୍ରକ୍‌ଗୁଡ଼ିକରୁ ବ୍ୟାଟେରି, ଡାଇନାମା, ଟାୟାର୍ ଆଦି ଚୋରି ହେଉଥିବାର ଦେଖାଦେଇଥିଲା। ସେହିପରି ସେହି ଅଞ୍ଚଳରେ ବିଭିନ୍ନ ପ୍ରକାର ଅପରାଧ ମଧ୍ୟ ବୃଦ୍ଧି ପାଉଥିଲା। ତେଣୁ ଅପରାଧକୁ ହ୍ରାସ କରିବା ଉଦ୍ଦେଶ୍ୟରେ ସଂଘ ତରଫରୁ ସିସି କ୍ୟାମେରା ଲଗାଯାଇଛି। ଅନୁଗୋଳର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସଂଘ ସଭାପତି ରାଜୀବ ଜେନା, ସମ୍ପାଦକ ରଞ୍ଜିତ ସେଠ, ଉପସଭାପତି ତପନ ସାମନ୍ତ ସିଂ, ସହ ସମ୍ପାଦକ ବିଭୂତି ଭୂଷଣ ଜେନା, କୋଷାଧ୍ୟକ୍ଷ ମୁକେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# କପିଳାସରେ ୩୦ ହଜାର ଶ୍ରଦ୍ଧାଳୁ



କପିଳାସରେ ଶେଷ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ଼।

ଢେଙ୍କାନାଳ ଅଫିସ/ କାମାକ୍ଷାନଗର/ଭୁବନ, ୨୦।୮

ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଶୈବପୀଠ କପିଳାସରେ ପ୍ରାୟ ୩୦ ହଜାର କାଉଡିଆ ଭକ୍ତ ଜଳଲାଗି କରିଥିଲେ। ଶେଷ ସୋମବାରରେ ପୂର୍ବବର୍ଷ ଅପେକ୍ଷା ଶ୍ରଦ୍ଧାଳୁଙ୍କ ସମାଗମ କମ୍ ଥିବା ଜଣାପଡିଛି। ଶ୍ରଦ୍ଧାଳୁମାନେ ଲମ୍ବା ଧାଡି ହୋଇ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କଠାରେ ଜଳଲାଗି କରିବା ସହିତ ପ୍ରଭୁଙ୍କ ଦର୍ଶନ କରିଥିଲେ। ଚଳିତବର୍ଷ ଜଳଲାଗି ସମୟରେ କୌଣସି ସମସ୍ୟା ଉପୁଜି ନ ଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି କାମାକ୍ଷାନଗର ବ୍ଲକର ବିଭିନ୍ନ ଶୈବପୀଠଗୁଡିକ ଶ୍ରାବଣ ମାସ ଶେଷ ସୋମବାରରେ ଚଳଚଞ୍ଚଳ ହୋଇପଡିଥିଲା। ବ୍ଲକର ତେନ୍ତୁଳିସିଙ୍ଗାଠାରେ ଥିବା ରାମେଶ୍ୱର ମନ୍ଦିର, ହାଟୁଆରୀ କପିଳେଶ୍ୱର ମନ୍ଦିର, ଶିବୁଳାପଶିର ସ୍ୱପ୍ନେଶ୍ୱର ମନ୍ଦିର, ଭଗୀରଥପୁରର କେଦାରେଶ୍ୱର ମନ୍ଦିର, ମୁଣ୍ଡିଦେଉଳିସ୍ଥିତ କାମେଶ୍ୱର ମହାଦେବ ମନ୍ଦିର ସମେତ ମାଳପୁରା, ଅନନ୍ତପୁରସ୍ଥିତ ରାମମନ୍ଦିର ପରିସରରେ ଶିବମନ୍ଦିରରେ କାଉଡିଆମାନେ ଜଳଲାଗି କରିଥିଲେ। ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଜଳ ଲାଗି କରିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ କାଉଡିଆଙ୍କ ପାଇଁ ଭୋଜନ ବ୍ୟବସ୍ଥା କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମନ୍ଦିର ପରିଚାଳନା କମିଟି, ପୋଲିସ, ମହାବିଦ୍ୟାଳୟ, ସତ୍ୟସାଇ ସେବା ସମିତିର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ।

# ଜନସାଧାରଣଙ୍କ ସେବା ପାଇଁ ଶପଥ



ମହାବିଦ୍ୟାଳୟ ପରିସରରେ ଛାତ୍ର କଂଗ୍ରେସ ନେତା ଓ କର୍ମୀମାନେ।

ଅନୁଗୋଳ ଅଫିସ, ୨୦।୮

ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ସଙ୍ଗଠନ ଅନୁଗୋଳ ଜିଲା ଶାଖା ତରଫରୁ କାର୍ଯ୍ୟକାରୀ ସଭାପତି ଫାରୁକ ଅହମ୍ମଦଙ୍କ ନେତୃତ୍ୱରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ସୋମବାର ପାଳନ ହୋଇଯାଇଛି। ଏହି ସଭାରେ ରାଜୀବଙ୍କ ଆଦର୍ଶ ଓ ଭାରତ ପ୍ରତି ତାଙ୍କ ବଳିଦାନ ବିଷୟରେ ଛାତ୍ର ନେତାମାନେ ଆଲୋକପାତ କରିଥିଲେ। ଏଥିସହ ଆଗାମୀ ଦିନରେ ଛାତ୍ର ସଙ୍ଗଠନକୁ କିପରି ମଜବୁତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ଦଳ କିଭଳି ସୁଦୃଢ ହେବା ସହ ଏହା ଜନ ସାଧାରଣଙ୍କ ସେବାରେ ଲଗାଇବାକୁ ଶପଥ ନେଇଥିଲେ। ସଭାପତି ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିଭାଲ ସାହୁ, ସୌମ୍ୟରଞ୍ଜନ ସାହୁ, ରକି ମହାରଣା, ପ୍ରକାଶ ବାରିକ, ମହମ୍ମଦ ଅସଲମ୍, ବିଟୁ ପ୍ରସାଦ ବେହେରା, ପ୍ରସାଦ ଜେନା, ରାହୁଲ ଅଗ୍ରୱାଲା, ସୁବୋଧ ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

■ ଦାବି ପୂରଣ ହେଉନି, ସରକାର କରୁଛନ୍ତି ଅଣଦେଖା

# ଆନ୍ଦୋଳନକୁ ଓହ୍ଲାଇଲେ ବିଡ଼ି ଶ୍ରମିକ

ବଇଣ୍ଡା,୨୦।୮ (ଡି.ଏନ.ଏ.)

ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡରେ ଥିବା ବିଡ଼ି ଶ୍ରମିକମାନେ ବର୍ତ୍ତମାନ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କର ଦାବି ପ୍ରତି ସରକାର କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରି ଉପଖଣ୍ଡର ସମସ୍ତ ବିଡ଼ି ଶ୍ରମିକ ସୋମବାର ଆନ୍ଦୋଳନ କରିଛନ୍ତି। ରାଧାକୃଷ୍ଣ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବଇଣ୍ଡା ଛକ, ଚନ୍ଦନ ନଗର ପରିକ୍ରମା ପରେ କଦଳୀମୁଣ୍ଡା ନିକଟରେ ଥିବା ବିଡ଼ି ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ପହଞ୍ଚିଥିଲେ। ପରେ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଧ୍ରୁବଚରଣ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଭାରତୀୟ ମଜଦୁର ସଂଘର ସମ୍ପାଦକ ଶଶିକାନ୍ତ ନାୟକ, ବିଲେଇନାଳୀ ସରପଞ୍ଚ ନବକିଶୋର ସାହୁ, ସୁରେଶ ମାଝି, ଶ୍ରୀପତି ସାହୁ, ଅଙ୍ଗଦ ସାହୁ, ପ୍ରଫୁଲ୍ଲ ସାହୁ, ପୁରନ୍ଦର ସାହୁଙ୍କ ସମେତ ଶତାଧିକ ମହିଳାପୁରୁଷ ବିଡ଼ି ଶ୍ରମିକମାନେ ଯୋଗ ଦେଇଥିଲେ। ସେମାନଙ୍କ ଅଭିଯୋଗ ମୁତାବକ, ସରକାର ବିଡ଼ି ଶ୍ରମିକଙ୍କୁ ଅଣଦେଖା କରୁଛନ୍ତି। ବହୁ ଶ୍ରମିକ କୁଡ଼ିଆରେ ରହୁଥିଲେ ମଧ୍ୟ ସେମାନଙ୍କୁ ବାସଗୃହ ଯୋଗାଇ ଦିଆଯାଉନାହିଁ। ସେହିପରି ବିଡ଼ି ତିଆରି କରୁଥିବା ଶ୍ରମିକଙ୍କ ପିଲାମାନେ ମେଧାବୃତ୍ତି ପାଇ ପାରୁ ନାହାନ୍ତି। ଜଙ୍ଗଲରୁ ବହୁ ପରିଶ୍ରମ କରି ପତ୍ର ତୋଳି ବିଡ଼ି ନିର୍ମାଣ କରୁଥିଲେ ମଧ୍ୟ ସେମାନଙ୍କୁ ପରିଚୟପତ୍ର ଦେବାରେ ବିଳମ୍ବ କରାଯାଉଛି। ଏପରିକି ବଇଣ୍ଡାଠାରେ ଥିବା ମାଗଣା ସ୍ୱାସ୍ଥ୍ୟକେନ୍ଦ୍ରରୁ ଠିକ୍ ଭାବେ ମେଡିଶିନ ଯୋଗାଇ ଦିଆଯାଉନି। ଶ୍ରମିକମାନେ ଅଯଥା ଖର୍ଚ୍ଚାନ୍ତ ହୋଇ ବିଭିନ୍ନ ଦୋକାନ ଉପରେ ନିର୍ଭର କରୁଛନ୍ତି। ତୁରନ୍ତ ଏହି ସୁବିଧା ସବୁ ଯୋଗାଇ ଦିଆ ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଶେଷରେ ଏକ ୧୦ ଦଫା ସମ୍ବଳିତ ଦାବିପତ୍ର ବଇଣ୍ଡା ବିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ରଜନୀକାନ୍ତ ପୃଷ୍ଟିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇଛି।



ଆନ୍ଦୋଳନକୁ ଓହ୍ଲାଇଥିବା ବିଡ଼ି ଶ୍ରମିକମାନେ।

## ଶାକୋସିଂହାରେ ବୋଲବମ୍ ଯାତ୍ରୀଙ୍କ ଭିଡ଼

ଅନୁଗୋଳ ଅଫିସ, ୨୦।୮

ଅନୁଗୋଳ ଶାକୋସିଂହା ଗ୍ରାମରେ ଶ୍ରାବଣ ଶେଷ ସୋମବାର ଅବସରରେ ବୋଲବମ୍ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଉକ୍ତ ଗ୍ରାମର ୨୦୦ ମହିଳା କଳସ ଧରି ଶୋଭାଯାତ୍ରାରେ କାଶୀବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଏହିଅବସରରେ ବିଶ୍ୱଶାନ୍ତି ହୋମଯଜ୍ଞ ଆୟୋଜନ କରାଯାଇଥିଲା। ଠାକୁରଙ୍କ ଆଜ୍ଞାଲଡ୍ଡୁକୁ ଅଞ୍ଚଳର ମହୋନ ଦେହୁରୀ ୪୩ ହଜାର ଟଙ୍କାରେ ନିଲାମ ନେଇଥିଲେ। ରାତିରେ ସରପା ଓ ଗଡ଼ସନ୍ତ୍ରୀ ମଧ୍ୟରେ ବାଦଦଣ୍ଡ ଅନୁଷ୍ଠିତ ହୋଇଥିଲା। ବୋଲବମ କମିଟି ତରଫରୁ ସମସ୍ତ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାପତି ଅକ୍ରୁର ନାୟକ, ସମ୍ପାଦକ ସଞ୍ଜୟ କୁମାର ଭୂତିଆ, କୋଷାଧ୍ୟକ୍ଷ ଯୁଦ୍ଧମଣି ନାୟକ କାର୍ଯ୍ୟକ୍ରମ ପରିଚାଳନାକରିଥିଲେ। ସେହିପରି ଛେଣ୍ଡିପଦା ବ୍ଲକର ପୁରୁଣାଗଡଠାରେ ଥିବା ବରାଳ ବାଲୁଙ୍କେଶ୍ୱର ମନ୍ଦିର, ଖମାର ବାଣେଶ୍ୱର ମନ୍ଦିର, ଝିଣ୍ଟିପାଳ ଶିବ ମନ୍ଦିର, ଜରପଡା ଶିବ ମନ୍ଦିର, କୋଶଳା ଶିବ ମନ୍ଦିର ଅଷ୍ଟଶମ୍ଭୁ ମହାଦେବ ମନ୍ଦିରରେ ଜଳଲାଗି ହୋଇଥିଲା। କିଶୋରନଗର ବ୍ଲକର ବଇଣ୍ଡା, ଲୁହାମୁଣ୍ଡା, ହଣ୍ଡପା, ବଡ଼ହୁଲା, କଣ୍ଟେଇକୁଳିଆ, ନାକିଚି, ତୁରୁଡ଼ା, ସାଧୁପାଲ, ବାମୁର ଆଦି ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା।

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

ଗଣେଶ ପୂଜା ପ୍ରସ୍ତୁତି ବୈଠକ
ସ୍ଥାନ-ସଦ୍‌ଭାବନା ହଲ ପରିସର
ସମୟ-ଅପରାହ୍ନ ୧ଟା।

## ସଂକ୍ଷେପରେ

### ସଫେଇ କର୍ମଚାରୀଙ୍କୁ ତାଲିମ

ଢେଙ୍କାନାଳ ଅଫିସ,୨୦।୮- ଢେଙ୍କାନାଳ ଗୋପବନ୍ଧୁ ଟାଉନହଲ ପରିସରରେ ସୋମବାର ସଫେଇ କର୍ମଚାରୀଙ୍କ ନିମନ୍ତେ ୫ ଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ନଗରପାଳ ସୁଧାଂଶୁ କୁମାର ଦଳେଇ ଶିବିର ଉଦ୍‌ଘାଟନ କରିଥିଲେ। ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ସେପ୍‌ଟିକ ଟାଙ୍କି ସଫେଇ ସେବାଗୁଡ଼ିକୁ ଧ୍ୟାନଦେବା ଓ ସଫେଇ କର୍ମଚାରୀମାନଙ୍କ ପୂର୍ବଶିକ୍ଷାକୁ ମାନ୍ୟତା ଦେବା ପାଇଁ ଏହି ଶିବିର ଆୟୋଜିତ ହୋଇଛି। ମୋଟ ୫୦ଜଣ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଏହି ପ୍ରଶିକ୍ଷଣ ପ୍ରଥମଥର ପାଇଁ ରାଜ୍ୟରେ ଅନୁଷ୍ଠିତ ହେଉଛି ବୋଲି ସୂଚନା ଦିଆଯାଇଛି। ଅର୍ବାନ ମ୍ୟାନେଜମେଣ୍ଟ ସେଣ୍ଟର, ସ୍ୱଚ୍ଛଭାରତ ମିଶନ, ସହରାଞ୍ଚଳ ଜୀବିକା ମିଶନ, ସେକ୍ଟର ସ୍କିଲ ଫର ଗ୍ରିନ୍ ଜବ, ବିଲ ଆଣ୍ଡ୍ ମାଣ୍ଡେଲା ଗେଟ୍ସ ଫାଉଣ୍ଡେସନ ସହାୟତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ୨୦ ଦିନ ହେଲା ଏଟିଏମ୍ ବନ୍ଦ

ଢେଙ୍କାନାଳ ଅଫିସ,୨୦।୮- ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସିମିନଇ କଲେଜ ଛକଠାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରେ ଆଜିକୁ ପ୍ରାୟ ୨୦ଦିନ ହେଲା ତାଲା ଝୁଲୁଛି। ଏ ନେଇ ସ୍ଥାନୀୟ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଏଟିଏମ୍ ଉପରେ ୧୦ଟି ପଞ୍ଚାୟତର ଉପଭୋକ୍ତା ନିର୍ଭର କରିଥାନ୍ତି। ଏଟିଏମ୍‌ଟି ବନ୍ଦ ହୋଇ ପଡ଼ିଥିବାରୁ ଟଙ୍କା ଉଠାଣରେ ଅସୁବିଧା ହେଉଛି। ଏଟିଏମ୍‌କୁ ତୁରନ୍ତ ଚାଲୁ କରିବା ପାଇଁ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀମାନଙ୍କୁ ନିବେଦନ କରିଛନ୍ତି।

### ସାହିତ୍ୟ ସଂସଦର ବୈଠକ

ବଇଣ୍ଡା, ୨୦।୮(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ କିଶୋରଗଞ୍ଜ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ବଇଣ୍ଡାସ୍ଥିତ ତ୍ରିଧାରା ସାହିତ୍ୟ ସଂସଦର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ବିରଞ୍ଚି ନାୟକ ସଭାପତିତ୍ୱ କରିଥିବାବେଳେ ଏଥିରେ ସମ୍ପାଦକ ରମେଶ ଚନ୍ଦ୍ର ମିଶ୍ର, ଘନଶ୍ୟାମ ସାହୁ, ମନୋଜ ମହାପାତ୍ର, ବିନିତା ପ୍ରଧାନ, ମାମୁଲି ସାହୁ, ଗୁଣନିଧି ପ୍ରଧାନ, ବିଶ୍ୱାମିତ୍ର ସାହୁ, ଶ୍ରୀବତ୍ସ ପ୍ରଧାନ, ନିତ୍ୟାନନ୍ଦ ବାରିକ, ଭଗବାନ ଘିଓ୍ୱାଲା, ସଚ୍ଚିଦାନନ୍ଦ ସାହୁ, କୃଷ୍ଣ ପ୍ରଧାନ, ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ପରେ ସଂସଦର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଆସନ୍ତା ୨୬ ତାରିଖରେ ବିଶ୍ୱ ଯୁବକେନ୍ଦ୍ର ନିକଟରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ହେବ ବୋଲି ସ୍ଥିର ହୋଇଛି। ଏଥିସହ ଶିଶୁପତ୍ରିକା ତୁଳସୀର ଉନ୍ମୋଚନ କରାଯିବାକୁ ନିଷ୍ପତ୍ତି ହୋଇଛି।

# ୨୩ରେ ଜିଲାପାଳ କାର୍ଯ୍ୟାଳୟ ଘେରିବ ଓକିଲ ସଂଘ

**ଢେଙ୍କାନାଳ ଅଫିସ, ୨୦।୮**

ଢେଙ୍କାନାଳ ଜିଲା ଓକିଲ ସଂଘ ଆସନ୍ତା ୨୩ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ। ଏ ନେଇ ସୋମବାର ଅପରାହ୍ନ ୫ଟାରେ ସଂଘ କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସମ୍ମିଳନୀରେ ସଂଘର ସଭାପତି ଶିବସାଇ ମହାପାତ୍ରଙ୍କ ସମେତ ଉପ ସଭାପତି ସରୋଜ କୁମାର ପାଢୀ, ସମ୍ପାଦକ ଟଙ୍କଧର ବେହେରା, ପୂର୍ବତନ ସଭାପତି ସଞ୍ଜୟ କୁମାର ମିଶ୍ର,

- ଟ୍ରାଫିକ, ମୁଖ୍ୟ ଚିକିତ୍ସାଳୟ ସମସ୍ୟା ସମାଧାନ ଦାବି
- ପ୍ରଶାସନର ଅସହଯୋଗକୁ ନେଇ ତୀବ୍ର ଅସନ୍ତୋଷ
- ମୃତ ଆଇନଜୀବୀଙ୍କ ପରିବାରକୁ ୧୦ଲକ୍ଷ କ୍ଷତିପୂରଣ ଦାବି

ଯୁଗ୍ମ ସମ୍ପାଦକ ଉତ୍ତମ ଦାସ, ବରିଷ୍ଠ ଆଇନଜୀବୀ ଦୁର୍ଗା ପ୍ରସାଦ ଶତପଥୀ,



ଜିଲା ଓକିଲ ସଂଘ ପକ୍ଷରୁ ଅନୁଷ୍ଠିତ ବୈଠକ।

କାର୍ଯ୍ୟକାରୀ ସଭ୍ୟ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଓ ତ୍ରିଲୋଚନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଢେଙ୍କାନାଳରେ ଟ୍ରାଫିକ ସମସ୍ୟା ଚିନ୍ତାଜନକ ହେଉଥିବା ବେଳେ ନବ ନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ସମସ୍ୟା ବଢ଼ି ଚାଲୁଛି। ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ପ୍ରତିବାଦରେ ଆସନ୍ତା ୨୩ ତାରିଖରେ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ସଭାପତି ସୂଚନା ଦେଇଛନ୍ତି। ପ୍ରତ୍ୟେକ କାର୍ଯ୍ୟରେ ଜିଲା ପ୍ରଶାସନ ଓକିଲ ସଂଘ ପ୍ରତି ଅସହଯୋଗ ମନୋବୃତ୍ତି ଦେଖାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସଂଘ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଗତ ଶନିବାର ଗଁଦିଆର ସାପୁଆଝରଠାରେ ଟ୍ରକ୍ ଦୁର୍ଘଟଣାରେ ମୃତ ଆଇନଜୀବୀ ସଞ୍ଜିତ କୁମାର ସାହୁଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଶ୍ରାବଣ ମାସରେ କାଉଡିଆ ଭକ୍ତଙ୍କ ଭିଡକୁ ନଜରରେ ରଖି ସକାଳ ୭ଟାରୁ ଉକ୍ତ ରାସ୍ତାରେ ରାତି ୯ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ କଟକଣା ଥିବା ସତ୍ତ୍ୱେ କିପରି ମାଲ ବୋଝେଇ ଟ୍ରକ୍ ଉକ୍ତ ରାସ୍ତାରେ ଯାଇଥିଲା ତାହାର ତଦନ୍ତ ଦାବି କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତୀକରଣ, ଡାକ୍ତରୀ ପଦବୀ ପୂରଣ, ନୂତନ ଚିକିତ୍ସାଳୟ ପରିସରରେ ମର୍ଚ୍ଚୁରୀ ଓ ଶବ ବ୍ୟବଚ୍ଛେଦ ଗୃହ ସହିତ ୱେଷ୍ଟ ମ୍ୟାନେଜମେଣ୍ଟ ବ୍ୟବସ୍ଥା ତୁରନ୍ତ କରାଯିବା ସହ ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଶେଷରେ ସଂଘର ସମ୍ପାଦକ ଟଙ୍କଧର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

## ସେଲ୍ଫି କର୍ଣ୍ଣର


@ମାନସ


@ ସୁବ୍ରତ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

■ ଜିଲା ତୀରନ୍ଦାଜ ସଂଘର ନୂତନ କର୍ମକର୍ତ୍ତା

# ନବୀନଚନ୍ଦ୍ର ସଭାପତି, ଅମିୟ ସମ୍ପାଦକ


ଢେଙ୍କାନାଳ ଜିଲା ତୀରନ୍ଦାଜ ସଂଘର ନୂତନ କର୍ମକର୍ତ୍ତା।

**ଢେଙ୍କାନାଳ ଅଫିସ,୨୦।୮**

ଢେଙ୍କାନାଳ ଆର୍‌କେ. ରେଜେନ୍ସି ସମ୍ମିଳନୀ କକ୍ଷରେ ଜିଲା ତୀରନ୍ଦାଜ ସଂଘର ଏକ ବୈଠକ ପୂର୍ବତନ ମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶା ତୀରନ୍ଦାଜ୍ ସଂଘର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ମୁଖ୍ୟ ଅତିଥି, ରାଜ୍ୟ ସଂଘର ଉପସଭାପତି ଶ୍ରୀଧର ଦାସ, ସହ ସଂପାଦକ ସମ୍ପୂର୍ଣ୍ଣନନ୍ଦ ଦାସ, କୋଷାଧ୍ୟକ୍ଷ ସୁଘୋଷ ଦାସ ଯୋଗ ଦେଇ ତୀରନ୍ଦାଜ୍ ଖେଳ, ପ୍ରତିଯୋଗିତା, କୋଚିଂ ଏକାଡେମୀର ସହାୟତା, ଅଂଶଗ୍ରହଣ ସହିତ ଆଧୁନିକ ତୀରଚାଳନା ପ୍ରତିଯୋଗିତା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଆସନ୍ତା ୪ବର୍ଷ ପାଇଁ ଜିଲା ସଂଘର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନବୀନ ଚନ୍ଦ୍ର ନାରାୟଣ ଦାସ, ଆଜୀବନ କାର୍ଯ୍ୟକାରୀ ସଭାପତି ଭାବେ ପ୍ରସନ୍ନ କୁମାର ପଟ୍ଟନାୟକ, ଉପସଭାପତି ଭାବେ ଶିବସାଇ ମହାପାତ୍ର, ସୁଭାଶିନୀ ମହାକୁଡ, ରାଜକିଶୋର ବେହେରା, ପ୍ରତାପ ବରାଳ ଓ ସରୋଜ କୁମାର ପାଢୀ, ସମ୍ପାଦକ ଭାବେ ଅମୀୟ କୁମାର ଚାନ୍ଦ, ସହସମ୍ପାଦକ ଭାବେ ସତୀନ କୁମାର ସାହୁ ଓ ଅଭୟାନନ୍ଦ ବିହାରୀ ମନୋନତୀ ହୋଇଥିଲେ। ସେହିପରି ପରିଚାଳନା ସମ୍ପାଦକ ଭାବେ ଟଙ୍କଧର ବେହେରା, କୋଷାଧ୍ୟକ୍ଷ ଭାବେ ଅଚ୍ୟୁତାନନ୍ଦ ସାହୁ, କାର୍ଯ୍ୟକାରୀ ସଭ୍ୟ ଭାବେ କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ରାଜେନ୍ଦ୍ର ନାରାୟଣ ରାଉତ, ଜୟନ୍ତୀ ବେହେରା, ପ୍ରକାଶ କୁମାର ପତି ପ୍ରମୁଖଙ୍କୁ ଚୟନ କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ କୃଷ୍ଣଚନ୍ଦ୍ର ଦ୍ୱିବେଦୀ ଉପସ୍ଥିତ ରହି କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। କାର୍ଯ୍ୟକ୍ରମକୁ ଅନ୍ତର୍ଜାତୀୟ କ୍ରୀଡା ଘୋଷକ ଅମୀୟ ଚାନ୍ଦ ସଂଯୋଜନା କରିଥିବା ବେଳେ ସଂଘର ଉପସଭାପତି ରାଜ କିଶୋର ବେହେରା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଢେଙ୍କାନାଳର ପୂର୍ବତନ କ୍ରୀଡା ପ୍ରଶାସକ ଆଇନଜୀବୀ ପ୍ରମୋଦ କୁମାର ତ୍ରିପାଠୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ପୂର୍ବକ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ମେଧାବୃତ୍ତି ପରୀକ୍ଷା ଦେଲେ ୩୨୪ ଛାତ୍ରୀଛାତ୍ର

**କଣିହାଁ,୨୦।୮(ଡି.ଏନ.ଏ.)**

କଣିହାଁ ବ୍ଲକର ୨ ଟି ପରୀକ୍ଷା କେନ୍ଦ୍ରରେ ଶନିବାର ୩୨୪ ଛାତ୍ରୀଛାତ୍ର ମେଧାବୃତ୍ତି ପରୀକ୍ଷା ଦେଇଛନ୍ତି। କଣିହାଁ ପିଏମ ହାଇସ୍କୁଲ କେନ୍ଦ୍ରରେ ୨୨୭ ଓ ସମଲ ସରକାରୀ ହାଇସ୍କୁଲରେ ୯୭ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କଣିହାଁ ଓ ପାଲଲହଡ଼ା ବ୍ଲକରେ ଥିବା ଘରୋଇ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ପରୀକ୍ଷା ଦେବାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ଶିକ୍ଷାଅଧିକାରୀ ଖଗେଶ୍ୱର ବେହେରା କଣିହାଁ ଓ ପାଲଲହଡ଼ା ବ୍ଲକ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ବଞ୍ଚିତ ଶିକ୍ଷାନୁଷ୍ଠାନର ପ୍ରଧାନାଚାର୍ଯ୍ୟ ବସନ୍ତ କୁମାର ସାହୁ, ସୁଶାନ୍ତ ତ୍ରିପାଠୀ, ମଙ୍ଗୁଳଚରଣ ସାହୁ, ନିରଞ୍ଜନ ପ୍ରଧାନ ଅଭିଭାବକ କହିଛନ୍ତି, ଅନ୍ୟ ବ୍ଲକରେ ଏପରି ଅବ୍ୟବସ୍ଥା ହୋଇନାହିଁ। ତେଣୁ ଏହାର ବିଚାର କରାଯିବାକୁ ସେମାନେ ଦାବି କରିଛନ୍ତି। ଏ ନେଇ ଶିକ୍ଷାଅଧିକାରୀ ଖଗେଶ୍ୱର ବେହେରା କହିଛନ୍ତି, ୪୦୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୨୪ ଜଣ ପରୀକ୍ଷା ଦେଇଛନ୍ତି। ଏନ୍‌ଓସି ମାନ୍ୟତା ପ୍ରାପ୍ତ ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

# ଜନ ଶୁଣାଣିରେ ୫୯ ମାମଲା ସମାଧାନ



ଗଁଦିଆ ବ୍ଲକ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର।

**ଢେଙ୍କାନାଳ ଅଫିସ,୨୦।୮**

ଗଁଦିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ବିଜୁ ପକ୍କାଘର ଓ ପୋଲିସ ସମ୍ବନ୍ଧୀୟ ୯୭ଟି ଅଭିଯୋଗରୁ ୫୯ଟି ସମାଧାନ କରାଯାଇଥିଲା। ୫ ଜଣଙ୍କୁ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୧୧,୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଜିଲାପାଳ ନିଖିଳ ପବନ କଲ୍ୟାଣ ମାମଲାଗୁଡ଼ିକର ସମାଧାନ କରିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା, ଉପଜିଲାପାଳ ପୀତାମ୍ବର ସାମଲ, କୃଷି ଉପନିର୍ଦ୍ଦେଶକ ଛବୀନ୍ଦ୍ର ବେହେରା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା, ପୂର୍ତ୍ତବିଭାଗ ନିର୍ବାହୀଯନ୍ତ୍ରୀ ମନୋରଞ୍ଜନ ବିଶ୍ୱାଳ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ଜିଲା ପଞ୍ଚାୟତ ଅଧିକାରୀ ବୀରେନ୍ଦ୍ର କୁମାର ହୋତା, ଜିଲା କଲ୍ୟାଣ ଅଧିକାରୀ ମାନସ ରଞ୍ଜନ ମିଶ୍ର, ଯୋଗାଣ ଅଧିକାରୀ ହାଡିବନ୍ଧୁ ସେଠୀ, ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡା, ସମାଜ କଲ୍ୟାଣ ଅଧିକାରୀ ଅହଲ୍ୟା ଧଳ, ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ବିଡିଓ ରବୀନ୍ଦ୍ର କୁମାର ସାବତ, ତହସିଲଦାର ବରଣ୍ୟେନ୍ଦୁ ମହାନ୍ତି, ଆସିଷ୍ଟାଣ୍ଟ କଲେକ୍ଟର(ପିଜି ସେଲ) ସୀତାଂଶୁ ଶେଖର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

■ ବାବୁଙ୍କ ଖାମଖିଆଲ ନୀତି ଅଭିଯୋଗ

# ମିଳିନି ଗତ ମରୁଡ଼ି ଇନ୍‌ପୁଟ ସବ୍‌ସିଡି

**(ଦିନେଶ ଦାସ)**
**ଓଡାପଡା,୨୦।୮**

୨୦୧୭ରେ ମରୁଡ଼ି ପ୍ରବଣ ଜିଲାରେ ଚାଷ ହାନି ଯୋଗୁ ରବିଋତୁ ଆରମ୍ଭ ପୂର୍ବରୁ ଇନ୍‌ପୁଟ ସବ୍‌ସିଡି ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲା। ଠିକ୍ ଭାବେ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସବ୍‌ସିଡି ଯୋଗାଣ

- ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ ଚାଷୀ
- ଅର୍ଥାଭାବରୁ ହୋଇପାରୁନି ଚାଷ
- ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ଦିଗରେ ତୁରନ୍ତ ପଦକ୍ଷେପ ନିଆଯିବାକୁ ଜିଲାପାଳ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏହାକୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା ବାବୁମାନଙ୍କ ଖାମଖିଆଲ ନୀତି ଯୋଗୁ ଢେଙ୍କାନାଳ ଜିଲା ଓଡ଼ାପଡା


ସହାୟତା ପାଇବାରୁ ବଞ୍ଚିତ ବେଲପଡା ଗ୍ରାମର ଚାଷୀ।

ବ୍ଲକ ଗୁଣ୍ଡେଇ ପଞ୍ଚାୟତର ଚାଷୀଙ୍କୁ ଏ ପର୍ଯ୍ୟନ୍ତ ଗତ ବର୍ଷ ମରୁଡ଼ି ଯୋଗୁ ମିଳିବାକୁ ଥିବା ଇନ୍‌ପୁଟ୍ ସବ୍‌ସିଡି ମିଳିପାରି ନ ଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଭାବେ ଅଭିଯୋଗ ହୋଇଛି।

୨୦୧୭ରେ ମରୁଡି ଯୋଗୁ ୩୩ ପ୍ରତିଶତ କିମ୍ବା ତା ଠାରୁ ଅଧିକ କ୍ଷତି ହୋଇଥିବା ଚାଷ ପାଇଁ ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା। ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ୬ ହଜାର ୮ଶହ ଟଙ୍କା ଏବଂ ଜଳସେଚନ ବ୍ୟବସ୍ଥା ଥାଇ ମଧ୍ୟ ଚାଷ ହାନି ହୋଇଥିବା ଜମି ପାଇଁ ହେକ୍ଟର ପିଛା ୧୩ହଜାର ୫ଶହ ଟଙ୍କା ଇନ୍‌ପୁଟ୍ ସବ୍‌ସିଡି ପ୍ରଦାନ ନିମନ୍ତେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ତେବେ ସରକାରୀ ବାବୁମାନେ ଏହି ନିର୍ଦ୍ଦେଶନାମା ପାଳନ ନ କରିବା ଯୋଗୁ ସବ୍‌ସିଡି ପାଇବାକୁ ଥିବା ଚାଷୀ ଏଥିରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ସବ୍‌ସିଡି ପ୍ରଦାନ କ୍ଷେତ୍ରରେ ଓଡାପଡା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଦୁର୍ନୀତି ମଧ ହୋଇଥିବା ଚାଷୀଙ୍କ ସମେତ ଗୁଣଦେଇ ପଞ୍ଚାୟତ ବେଲପଡା ଗ୍ରାମର ସୌମେନ୍ଦ୍ର କୁମାର ବରାଳ ନାମକ ଜଣେ କୃଷକସାଥୀ ଅଭିଯୋଗ ଆଣିଛନ୍ତି। ତେଣୁ ଉକ୍ତ ସହାୟତା ପ୍ରଦାନ ନେଇ ଥିବା କାଗଜପତ୍ରର ନିରପେକ୍ଷ ତଦନ୍ତ ପାଇଁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ସୌମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏ ନେଇ ଓଡାପଡା ତହସିଲଦାର ନିରଞ୍ଜନ ବେହେରାଙ୍କୁ ପଚରାଯିବାରେ କହିଛନ୍ତି, ନିୟମ ମୁତାବକ ଯେଉଁମାନଙ୍କୁ ସହାୟତା ମିଳିବା କଥା ସେମାନଙ୍କୁ ତାହା ପ୍ରଦାନ କରାଯାଇଛି। ଏଥିରେ କୌଣସି ଅନିୟମିତତା ନାହିଁ ବୋଲି ସେ କୁହନ୍ତି।

### ଏମାନେ ଯାହା କୁହନ୍ତି....


"ଆମ ପଞ୍ଚାୟତରେ ଅନେକ ଚାଷୀ ୨୦୧୭ ଖରିଫ ଚାଷରେ ହୋଇଥିବା କ୍ଷତି ପାଇଁ ଇନପୁଟ ସବ୍‌ସିଡି ପାଇନାହାନ୍ତି। ବର୍ତ୍ତମାନ ଚାଷ ଖର୍ଚ୍ଚ ମୁଣ୍ଡେଇବା ପାଇଁ ଚାଷୀଙ୍କ ପାଖରେ ପଇସା ନାହିଁ। ତେଣୁ ସେହି ଇନପୁଟ ସବ୍‌ସିଡି ଅର୍ଥ ମିଳିଲେ ଅନେକ ଚାଷୀ ବଞ୍ଚି ଯାଆନ୍ତେ।
**-ସୌମେନ୍ଦ୍ର କୁମାର ବରାଳ, କୃଷକସାଥି , ଗୁଣଦେଇ**


"ସରକାର ଇନ୍‌ପୁଟ ସବ୍‌ସିଡି ପାଇଁ ଘୋଷଣା କରିଥିଲେ। କିନ୍ତୁ ରବି ଋତୁ ଯାଇ ଖରିଫ ଆସିଲା ପଛେ ଆମେ ତାହା ପାଇପାରିଲୁ ନାହିଁ। ତହସିଲ ଅଫିସ ଧାଇଁ ଧାଇଁ କିଛି ସୁଫଳ ମିଳିଲାନି। ସବ୍‌ସିଡି ମିଳି ପାରିଲେ ଚାଷକାର୍ଯ୍ୟ ଆଗେଇ ପାରନ୍ତା।
**-କରୁଣାକର ନାୟକ, ଚାଷୀ, ବେଲପଡା**


"ଅନେକ ଚାଷୀ ଏହି ସବ୍‌ସିଡି ପାଇବାରୁ ବଞ୍ଚିତ ହୋଇଛନ୍ତି। ସରକାରୀ ବାବୁମାନେ ଠିକ୍ ଭାବେ ଆକଳନ କରିନାହାନ୍ତି। ସେଥିପାଇଁ ଏଭଳି ଅବସ୍ଥା। ତେଣୁ ତୁରନ୍ତ ସହାୟତା ପ୍ରଦାନ ପାଇଁ ଦାବି କରୁଛୁ।
**-ନୀଳାମ୍ବର ବରାଳ, ଚାଷୀ, ବେଲପଡା**

# ଏକାଠି ହୋଇ ଶିକ୍ଷା ସମସ୍ୟା ସମାଧାନ କର



ଢେଙ୍କାନାଳଠାରେ ଏବିଭିପିର ଜିଲା ସମ୍ମିଳନୀ।

**ଢେଙ୍କାନାଳ ଅଫିସ, ୨୦।୮**

ଢେଙ୍କାନାଳ ଜିଲା ଅଖିଳ ଭାରତ ବିଦ୍ୟାର୍ଥୀ ପରିଷଦ ଶାଖା ପକ୍ଷରୁ ରବିବାର ସ୍ଥାନୀୟ କଲ୍ୟାଣ ମଣ୍ଡପଠାରେ ଏକ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଭିପିର ରାଜ୍ୟ ସଭାପତି ଦିଲୀପ କୁମାର ଦାସ ଛାତ୍ର ଶକ୍ତିକୁ ରାଷ୍ଟ୍ରଶକ୍ତିରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ରାଜ୍ୟ ସମ୍ପାଦିକା ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ ଓଡିଶାର ବିପର୍ଯ୍ୟସ୍ତ ଶିକ୍ଷା ସମସ୍ୟାର ସମାଧାନ ପାଇଁ ଛାତ୍ରୀଛାତ୍ରମାନେ ଏକାଠି ହୋଇ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଜିଲାର ସମସ୍ତ ପ୍ରମୁଖ କଲେଜରୁ ବହୁ ସଂଖ୍ୟାରେ ବିଦ୍ୟାର୍ଥୀ ଯୋଗଦେଇଥିଲେ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ କ୍ଲଷ୍ଟର ୟୁନିଭର୍ସିଟିର ମାନ୍ୟତା ଦେବା ପାଇଁ ଦାବି କରାଯାଇଥିଲା। ନୂତନ ନଗର ସଭାପତି ଭାବେ ଚିତ୍ତରଞ୍ଜନ ରାଉତ ଓ ନଗର ସମ୍ପାଦକ ଭାବେ ଅର୍ଜିତ ପଟ୍ଟନାୟକ, ସହ ସମ୍ପାଦକ ଭାବେ ସୌରଭ ମହାନ୍ତି ଦାୟିତ୍ୱ ଗ୍ରହଣ କରିଥିଲେ। ଜିଲା ସଂଯୋଜକ ବି. ସୂର୍ଯ୍ୟ ରୋଶନ, ବିଭାଗ ସଂଯୋଜକ ଗୁଲସନ ରାଉତ, ବିଭାଗ ସଙ୍ଗଠନ ସମ୍ପାଦକ ଶଶିକାନ୍ତ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିତ୍ୟରଞ୍ଜନ ତ୍ରିପାଠୀ, ଏସଏଫ୍‌ଡି ପ୍ରମୁଖ ଅରବିନ୍ଦ ନନ୍ଦ, ଅରୁଣ କୁମାର ସାହୁ, ସିଦ୍ଧାର୍ଥ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ମଙ୍ଗଳବାର, ଅଗଷ୍ଟ ୨୧ /୨୦୧୮ Dhenkanal-Angul, Tuesday, August 21 / 2018

# ଅବସର ବୟସ ସୀମା ୬୨କୁ ବୃଦ୍ଧି ଦାବି


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଅନୁଗୋଳ ଅଫିସ, ୨୦।୮**

ଅନୁଗୋଳ ଜିଲା ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ଜିଲା ଜରୁରୀକାଳିନ ଅଧିକାରୀ ବୈତୁରା ଦୀପ୍, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଓ ସୋଫି ସୈନିକା ଯୋଗ ଦେଇଥିଲେ। ରାଜ୍ୟ ସଂଘ ସାଧାରଣ ସମ୍ପାଦକ ସୁବଳ କିଶୋର ମହାନ୍ତି, ସହ ସମ୍ପାଦକ ନିଶାମଣି ମିଶ୍ର, ଉପସଭାପତି ବଳରାମ ଦାସ, ଜଗତସିଂହପୁର ଜିଲା ସମ୍ପାଦକ ସୁରେଶ କୁମାର ପରିଜା, ପୁରୀ ଜିଲା ସଂଘର ପୂର୍ବତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସିଂହ, ରାଜ୍ୟ ସଂଘ ସଦସ୍ୟ ଜଗନ୍ନାଥ ପାଢ଼ୀ, ରାଜ୍ୟ ସଂଘ ଉପଦେଷ୍ଟା ପ୍ରହଲ୍ଲାଦ ସାହୁ, ଢେଙ୍କାନାଳ ଜିଲା କୋଷାଧ୍ୟକ୍ଷ ଧ୍ରୁବଚରଣ ମହାକୁଡ଼, ସଙ୍ଗଠନ ସମ୍ପାଦକ ବାଙ୍କନିଧି ନାୟକ, ନିରଞ୍ଜନ ନାୟକ, ଭୋଳେଶ୍ୱର ନାୟକ, ଢେଙ୍କାନାଳ ଜିଲା ଉପଦେଷ୍ଟା ମଣ୍ଡଳୀ ପ୍ରମୋଦ କୁମାର ରାଉତ ଉପସ୍ଥିତ ଥିଲେ। ରାଜ୍ୟ ସଂଘ ସଭାପତି ସରୋଜ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତା ମନୋନୟନ ସହ ଅବସର ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସର୍ବନିମ୍ନ ମୂଳ ଦରମା ୧୮ ହଜାର ଟଙ୍କା କରାଯିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା।

# ସମସ୍ୟା ସମାଧାନ ଦାବି କରିବ ସରପଞ୍ଚ ମହାସଂଘ

**ତାଳଚେର,୨୦।୮(ନି.ପ୍ର.)**

ତାଳଚେର ବ୍ଲକ ସରପଞ୍ଚ ମହାସଂଘର ତୃତୀୟ ବୈଠକ ବ୍ରଜନାଥପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ତଥା ଧରମପୁର ସରପଞ୍ଚ ଅକ୍ଷୟ ପାଣି ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଞ୍ଚଳରେ କିପରି ଉନ୍ନତୀକରଣ କାର୍ଯ୍ୟ ହୋଇପାରିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ମହାସଂଘ ତାଳଚେରର ବିଭିନ୍ନ ସମସ୍ୟାଗୁଡ଼ିକ ପ୍ରଶାସନ ନିକଟରେ ଉପସ୍ଥାପନ କରିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ତାଳଚେରର ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଯାଉଥିବା କୋଇଲା ଟ୍ରକ୍ ଏବଂ ଟ୍ରେନ୍‌ରେ ପାଲ ଭିଡ଼ାହେବା ସମ୍ପର୍କରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବା, ଆରଡବ୍ଲ୍ୟୁଏସ୍‌ଏସ୍ ପାଣିକୁ ପୁଙ୍ଖାନୁପୁଙ୍ଖ ଭାବେ ତର୍ଜମା କରାଯାଇ ତାଳଚେରର ପ୍ରତି ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନିମନ୍ତେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ଆଗାମୀ ସେପ୍ଟେମ୍ବର ୫ରେ ବିଧାନସଭା ସମ୍ମୁଖରେ ହେବାକୁ ଥିବା ସରପଞ୍ଚମାନଙ୍କ ଧାରଣା କାର୍ଯ୍ୟକ୍ରମରେ ତାଳଚେର ମହାସଂଘ ସାମିଲ ହୋଇ ସରକାରଙ୍କୁ ୮ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଗୁରୁଜାଙ୍ଗ ସରପଞ୍ଚ ପରମାନନ୍ଦ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଓଡ଼ିଶା ମହାସଂଘ ସମ୍ପାଦକ ଦିଗାମ୍ବର ଜେନାଙ୍କ ସମେତ ବ୍ରଜନାଥପୁର ସରପଞ୍ଚ ଭାଗୀରଥି ସାହୁ, ଘଣ୍ଟପଡ଼ାର ମନୋଜ ବେହେରା, ବନ୍ତୋଲର ଅବନୀକାନ୍ତ ଦେହୁରୀ, ଡେରାର ରଶ୍ମିତା ପ୍ରଧାନ, ଗୁରୁଜାଙ୍ଗର ପରମାନନ୍ଦ ସାହୁ, ପଦ୍ମାବତୀପୁରର ଖୁଲଣା ପରିଡ଼ା, କଳମଛୁଇଁର ସ୍ୱାଗତିକା ବିଶ୍ୱାଳ, ଗୁରୁଜାଙ୍ଗୁଲିର ସନ୍ତୋଷ କୁମାର ମହାନ୍ତି, କର୍ଣ୍ଣିଳି ସରପଞ୍ଚ ସୁଧାକର ଦାସ ପ୍ରମୁଖ ଯୋଗଦେଇ ଥିଲେ।




## ଡ୍ରେନ୍ ପୁନରୁଦ୍ଧାର କରୁନି ନାଲ୍‌କୋ

# ଚାଷୀଙ୍କ ଜମିରେ ଫସଲ ନଷ୍ଟ


ଲକ୍ଷ୍ମୀଧରଙ୍କ ଚାଷ ଜମିରେ ପାଣି ଜମିରହିଛି।

**ତାଳଚେର,୨୦।୮(ନି.ପ୍ର.)**

ନାଲ୍‌କୋର ପାଇପ୍ ଲାଇନ ରାସ୍ତା ପାର୍ଶ୍ୱ ଡ୍ରେନ୍ ଅବରୋଧ ଯୋଗୁ ପାଣି ନିଷ୍କାସନ ହୋଇ ନ ପାରି ତାଳଚେର ବ୍ଲକ ଖୋଲୁଆ ଗ୍ରାମର ଲକ୍ଷ୍ମୀଧର ପଟ୍ଟନାୟକଙ୍କ ଜମିରେ ଦୀର୍ଘ ବର୍ଷ ଧରି ଫସଲ ନଷ୍ଟ ହେଉଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଉ ନ ଥିବା ସୋମବାର ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲକ୍ଷ୍ମୀଧର ଅଭିଯୋଗ କରିଛନ୍ତି। ଅଭିଯୋଗରେ ଲକ୍ଷ୍ମୀଧର ଦର୍ଶାଇଛନ୍ତି ଯେ, ୧୯୮୫ରେ ନାଲ୍‌କୋ ପକ୍ଷରୁ ଖୋଲୁଆ ମୌଜା ଘାଟ ଜମିରେ ପାଇପ୍ ଲାଇନ୍ ଓ ରାସ୍ତା ନିର୍ମାଣ ବେଳେ ଚାଷୀଙ୍କ ଜମିରୁ ଜଳ ନିଷ୍କାସନ ପାଇଁ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ଖନନ କରାଯାଇଥିଲା। କିନ୍ତୁ ଉକ୍ତ ଡ୍ରେନ୍ ପୋତି ହୋଇଯିବା ପରେ ତାହାର ପୁନରୁଦ୍ଧାର କରାଗଲା ନାହିଁ। ସେହିପରି ଦେବୋତ୍ତର ଜମି ପାଖରେ ଥିବା ଅମରିବଣକୁ ମଧ୍ୟ ସଫା କରାଗଲା ନାହିଁ। ଫଳରେ ତାଙ୍କର ୧.୪୭ ଏକର ଚାଷ ଜମି ପାଣିରେ ବୁଡି ରହି ଧାନ ଫସଲ ନଷ୍ଟ ହେଉଛି। ଏ ସମ୍ପର୍କରେ ସେ ଉପଜିଲାପାଳ, ତହସିଲଦାର, ନାଲ୍‌କୋ କର୍ତ୍ତୃପକ୍ଷ, କୃଷି ବିଭାଗକୁ ବାରମ୍ବାର ଲିଖିତ ଭାବେ ଜଣାଇଛନ୍ତି। ହେଲେ ନାଲ୍‌କୋ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ଲକ୍ଷ୍ମୀଧର ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଲକ୍ଷ୍ମୀଧର ଓ ଅନ୍ତର୍ଯାମୀ ପଟ୍ଟନାୟକ ନାଲ୍‌କୋ ପାଇପ୍ ଲାଇନ୍ ରାସ୍ତା ଅବରୋଧ କରିବାକୁ ବାଧ୍ୟ ହେବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

# ଏକତା, ଅଖଣ୍ଡତା ପାଇଁ କାର୍ଯ୍ୟ କରୁଥିଲେ ରାଜୀବ


ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ କଂଗ୍ରେସ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ,୨୦।୮**

ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ଦଳୀୟ କାର୍ଯ୍ୟାଳୟଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୭୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ସୁରେଶ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ଦେଶରେ ଏକତା, ଅଖଣ୍ଡତା ଓ ଧର୍ମ ନିରପେକ୍ଷତା ବଜାୟ ରଖିବା ପାଇଁ ରାଜୀବ ଗାନ୍ଧୀ କାର୍ଯ୍ୟ କରୁଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଡ. ତୁଷାରକାନ୍ତି ନାୟକ, ଏଆଇସିସି ସଭ୍ୟା ଆଇନଜୀବୀ ସୁବାସିନୀ ମହାକୁଡ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶ କୁଅଁର, ଆଦିତ୍ୟ ମହାପାତ୍ର, ବିଜୟ କୁମାର ସ୍ୱାଇଁ, ପ୍ରଫୁଲ୍ଲ କୁମାର ସାହୁ, ରୁଦ୍ର ପ୍ରକାଶ ଶରଣ, ଅମ୍ଳାନ ଖଟୁଆ, ଜିତେନ୍ଦ୍ର ସାହୁ, ଗୋବର୍ଦ୍ଧନ ସିଂହ, ନୀଳମଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ କଂଗ୍ରେସ ନେତା ରଞ୍ଜନ କୁମାର ନାୟକ ଧନ୍ୟବାଦ ଦେଇଥିଲେ। ସେହିପରି ସଂଖ୍ୟାଲଘୁ କଂଗ୍ରେସ ପକ୍ଷରୁ ବାବୁ ଖାଁ, ଆଇନଜୀବୀ ନିର୍ମଳ ମିଶ୍ର, ପ୍ରିୟବ୍ରତ ଗଡନାୟକ ପ୍ରମୁଖ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ଉପଲକ୍ଷେ ଅନ୍ଧ,ମୁକ,ବଧିର ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ।




# କେରଳ ବନ୍ୟା ବିପନ୍ନଙ୍କ ପାଇଁ ସହାୟତା ସଂଗ୍ରହ

**ଅନୁଗୋଳ ଅଫିସ, ୨୦।୮**

ଭୟଙ୍କର ବନ୍ୟା ସହ ଯୁଝୁଥିବା କେରଳବାସୀଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ଓ ଔଷଧର ଜରୁରୀ ଆବଶ୍ୟକତା ରହିଥିବାରୁ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ସେଠାରେ ରିଲିଫ୍, ମେଡିକାଲ କ୍ୟାମ୍ପ କରାଯାଇ ସେବା ଯୋଗାଇ ଦିଆଯାଉଛି। ଏହି ଉଦ୍ଦେଶ୍ୟରେ ସଙ୍ଗଠନର କେନ୍ଦ୍ରୀୟ କମିଟି ଆହ୍ୱାନ କ୍ରମେ ଦେଶବ୍ୟାପୀ ରିଲିଫ୍ ସଂଗ୍ରହ ଅଭିଯାନ ଚାଲିଛି। ଅନୁଗୋଳ ସହରରେ ମଧ୍ୟ ଏସ୍‌ୟୁସିଆଇ ସଦସ୍ୟମାନେ ରାସ୍ତାରେ ବୁଲି ବୁଲି ଜନସାଧାରଣଙ୍କ ପାଖରୁ ରିଲିଫ୍ ସଂଗ୍ରହ କରିଛନ୍ତି। ଜିଲା କମିଟି ସଭ୍ୟ ସୁବାସ ପ୍ରଧାନ, ମାନସ ପାଳ, ସଞ୍ଜୟ ସାହୁ, ପ୍ରମିଳା ପଣ୍ଡାଙ୍କ ସମେତ ଜ୍ୟୋସ୍ନା ସାମଲ, ନିରଞ୍ଜନ ନାୟକ, ଦିଲୀପ ଦେଓ, ପ୍ରଭାସୀ ସ୍ୱାଇଁ, ନିରୁପମା ନାୟକ, ନାରାୟଣ ନାୟକ ପ୍ରମୁଖ ରିଲିଫ ସଂଗ୍ରହ କାର୍ଯ୍ୟରେ ସାମିଲ ରହିଛନ୍ତି। ସେହିପରି କଣିହାଁ, ଛେଣ୍ଡିପଦା, କିଶୋରନଗର ଆଦି ଅଞ୍ଚଳରେ ମଧ୍ୟ ରିଲିଫ୍ ସଂଗ୍ରହ କରାଯାଇଛି। ସଂଗୃହୀତ ଅର୍ଥରାଶି ଓ ସାମଗ୍ରୀ କେରଳ ବନ୍ୟା ପ୍ରଭାବିତ ଅଞ୍ଚଳକୁ ପଠାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ସଙ୍ଗଠନ ସଦସ୍ୟମାନେ ରିଲିଫ ସଂଗ୍ରହ କରୁଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ